# ବେଆଇନ୍ ଭାବେ ଚାଲୁଛି ଇଟାଭାଟି

### ଯାଞ୍ଚ ପାଇଁ ନିର୍ଦ୍ଦେଶ

ଛତ୍ରପୁର,୧୧।୫(ଡି.ଏନ.ଏ)

ଗଞ୍ଜାମ ଜିଲାର ବିଭିନ୍ନ ସ୍ଥାନରେ ବେଆଇନ ଭାବେ ଇଟାଭାଟି ଚାଲିଛି। ରାଜସ୍ୱ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଏନ୍‌ଜିଟିର ନିର୍ଦ୍ଦେଶନାମା ପାଳନ ହେଉନି। ଏହା ଉପରେ ଦୃଢ଼ ପଦକ୍ଷେପ ନିଆଯାଉ ନ ଥିବାରୁ ରାଜସ୍ୱ ହାନୀ ସହ ପରିବେଶ ପ୍ରଦୂଷିତ ହେଉଛି। ଏପରିକି ରୁଷିକୂଲ୍ୟା ନଦୀ ପଠାରେ ମଧ୍ୟ ଇଟାଭାଟି କରାଯାଉଛି। ଭାଟି ମାଲିକମାନେ ମନଇଚ୍ଛା ଦରରେ ଇଟା ଲୋକଙ୍କୁ ବିକ୍ରି କରି ଲାଭବାନ ହେଉଥିବା ଅଭିଯୋଗ ହୋଇଛି। ଛତ୍ରପୁର, ଗଞ୍ଜାମ ସମେତ ବିଭିନ୍ନ ତହସିଲ ଅଞ୍ଚଳରେ ଏପରି ବେଆଇନ୍ ଭାବେ ଇଟାଭାଟି ଚାଲିଛି। ଏପରିକି ବାହାର ଜିଲାର ଶ୍ରମିକମାନଙ୍କୁ ଦଲାଲମାନଙ୍କ ଜରିଆରେ ଆଣି ଉକ୍ତ ଇଟାଭାଟିରେ ନିୟୋଜିତ କରାଯାଉଛି। ବିଭିନ୍ନ ସମୟରେ କହିବା ମୁତାବକ ମଜୁରି ମଧ୍ୟ ଶ୍ରମିକମାନଙ୍କୁ ମିଳୁ ନ ଥିବା ଘଟଣା ଦୃଷ୍ଟିକୁ ଆସୁଛି। ଗତ ସପ୍ତାହରେ ଗଞ୍ଜାମ ବ୍ଲକ ସୁବଳୟାରେ ଥିବା ଇଟାଭାଟି ଶ୍ରମିକମାନଙ୍କଠାରେ ଘଟିଥିବା ଘଟଣା ଏହାର ଉଦାହରଣ। ଆହୁରି ଜଣାଯାଇଛି ଇଟାଭାଟି ଗୁଡିକରେ ଅନ୍ୟ ଜିଲାର ଶ୍ରମିକମାନେ ନିଜ ପରିବାର ସଦସ୍ୟଙ୍କ ସହ ଆସି ଏଠାରେ କାମ କରୁଛନ୍ତି। ଏପରିକି ପରିବାରର ସଦସ୍ୟଙ୍କ ସହ ଙ୍ପଙ୍କଶିଶୁମାନେ ମଧ୍ୟ ଇଟାଭାଟି କାର୍ଯ୍ୟରେ ନିୟୋଜିତ ହେଉଛନ୍ତି। ଫଳରେ ଶିଶୁମାନଙ୍କ ପାଠ ପଢ଼ା ଅଧାରୁ ବନ୍ଦ ହୋଇଯାଉଛି। ଛତ୍ରପୁର ତହସିଲ ଅଧୀନ ବିଭିନ୍ନ ଅଞ୍ଚଳରେ ମଧ୍ୟ ଏପରି ବେଆଇନ ଭାବେ ଇଟାଭାଟି ଚାଲୁଥିବା ଜଣାପଡିଛି। ଅପରପକ୍ଷରେ ଗଞ୍ଜାମ ବ୍ଲକ ସୁବଳୟା ନିକଟରେ ଥିବା ଇଟାଭାଟିରେ ନିୟୋଜିତ ବରଗଡ ଜିଲାର ଶ୍ରମିକମାନଙ୍କ ଘଟଣା ଏବଂ ଛତ୍ରପୁର ବ୍ଲକର ବିଭିନ୍ନ ସ୍ଥାନରେ ବେଆଇନ୍ ଇଟାଭାଟି ଚାଲୁଥିବା ଓ ଶିଶୁମାନଙ୍କୁ ଏଥିରେ ନିୟୋଜିତ କରୁଥିବା ନେଇ ଅଭିଯୋଗ ସମ୍ପର୍କରେ ଜିଲାପାଳ ଅବଗତ ହୋଇଛନ୍ତି। ଏହାପରେ ସବୁ ଇଟାଭାଟି ଗୁଡିକ ଯାଞ୍ଚ କରିବା ପାଇଁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ରାଜସ୍ୱ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ଜିଲାପାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ପ୍ରକାଶଯେ, ଗତ ସପ୍ତାହରେ କମ୍ ମଜୁରି ଏବଂ ବାତ୍ୟା ଫନୀ ବେଳେ ଭାଟି ମାଲିକ କୌଣସି ବ୍ୟବସ୍ଥା କରି ନ ଥିବାରୁ ବରଗଡ ଜିଲାରୁ ଆସିଥିବା ୮୦ ଶ୍ରମିକ ସୁବଳୟା ନିକଟ ଇଟାଭାଟିରୁ ଲୁଚି ପଳାଇ ଆସିଥିଲେ। ଏଥିରେ କେତେକ ହୁମ୍ମା ଷ୍ଟେଶନରେ ଥିବା ବେଳେ ଅନ୍ୟ ଶ୍ରମିକମାନେ ଛତ୍ରପୁର ଆସି ଜିଲାପାଳଙ୍କୁ ଭେଟି ଏ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ଉକ୍ତ ୮୦ ଶ୍ରମିକଙ୍କ ଖାଇବା ବ୍ୟବସ୍ଥା ସହ ସେମାନଙ୍କ ଘରକୁ ଜିଲାପାଳ ପଠାଇଥିଲେ। ଇଟା ଭାଟି ସିଲ୍ କରାଯିବା ସହ ମାଲିକଙ୍କୁ ୪୦ ହଜାର ଟଙ୍କା ଜରିମାନା ଏବଂ କାରଣଦର୍ଶାଅ ନୋଟିସ୍ ଗଞ୍ଜାମ ତହସିଲଦାରଙ୍କ ପକ୍ଷରୁ କରାଯାଇଥିଲା।

# ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୨।୫।୨୦୧୯ (ରବିବାର)**

- ବରିଷ୍ଠ ନାଗରିକଙ୍କ ପାଇଁ ମାଗଣା ଚକ୍ଷୁ ଚିକିତ୍ସା ଶିବିର। ସ୍ଥାନ- ହୋଟେଲ କେପି, ସାଲୁଙ୍କି, ଫୁଲବାଣୀ, ସମୟ- ସକାଳ ୭ରୁ ମଧ୍ୟାହ୍ନ ୧୨ଟା।
- ଖମ୍ଭେଶ୍ୱରୀ ଠାକୁରାଣୀଙ୍କ ବୈଶାଖୀ ଯାତ୍ରା। ସ୍ଥାନ- ଖମ୍ଭେଶ୍ୱରୀପାଟଣା, ଆସିକା, ସମୟ- ସକାଳ ୬ ଟା।

**୧୩।୫।୨୦୧୯ (ସୋମବାର)**

- ମା' କନକା ଠାକୁରାଣୀଙ୍କ ସମେତ ପଞ୍ଚ ଠାକୁରାଣୀଙ୍କ ଦ୍ୱି ବାର୍ଷିକ ଯାତ୍ରା ଆରମ୍ଭ। ସ୍ଥାନ-ବଡ ବଜାରସ୍ଥିତ ଅସ୍ଥାୟୀ ମନ୍ଦିର, ସମୟ-ରାତି ୯ଟା।
- ସ୍ୱାସ୍ଥ୍ୟ ସୁପରଭାଇଜରମାନଙ୍କ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସମୀକ୍ଷା ବୈଠକ। ସ୍ଥାନ- ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ଦିଗପହଣ୍ଡି, ସମୟ-ପୂର୍ବାହ୍ନ ୧୦ଟା।
- ଭ୍ରାମ୍ୟମାଣ ଗ୍ରାମୀଣ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର। ସ୍ଥାନ- ଉପ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ବିଭିନ୍ନ ଗ୍ରାମ, ସମୟ- ସକାଳ ୮ଟାରୁ ୧୦ଟା।
- ମା' କନକଦୁର୍ଗା ଠାକୁରାଣୀ ଯାତ୍ରା ଉଦ୍‌ଯାପନୀ ଉତ୍ସବ। ସ୍ଥାନ- ପଦ୍ମନାଭପୁର, ଦିଗପହଣ୍ଡି, ସମୟ- ସନ୍ଧ୍ୟା ୭ ଟା।
- ମା' ବୁଢ଼ୀଠାକୁରାଣୀ ଯାତ୍ରା ଶୁଭାରମ୍ଭ। ସ୍ଥାନ- ଅନଙ୍ଗପୁର, ଦିଗପହଣ୍ଡି, ସମୟ- ରାତି ୯ଟା।

**୧୪।୫।୨୦୧୯ (ମଙ୍ଗଳବାର)**

- ଶିଶୁ ଓ ପ୍ରସୂତିଙ୍କ ପାଇଁ ମମତା ଦିବସ ସଚେତନତା, ଗର୍ଭବତୀଙ୍କ ଏଚ୍‌ଆଇଭି ପରୀକ୍ଷା। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ୨୫ଟି ଉପସ୍ୱାସ୍ଥ୍ୟକେନ୍ଦ୍ର, ସମୟ ପୂର୍ବାହ୍ନ ୧୦ଟା।
- 'ଇସ୍‌କଫ' ଗଞ୍ଜାମ ଜିଲା ପରିଷଦ ପକ୍ଷରୁ ସ୍ୱର୍ଗତ ଦ୍ୱିତୀକୃଷ୍ଣ ପଣ୍ଡାଙ୍କ ଶ୍ରଦ୍ଧାଞ୍ଜଳି ସଭା। ସ୍ଥାନ- ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷ, ସମୟ- ପୂର୍ବାହ୍ନ ୧୦ଟା।

**୧୫।୫।୨୦୧୯ (ବୁଧବାର)**

- ଶିଶୁ ଓ ଗର୍ଭବତୀଙ୍କୁ ଟିକାକରଣ କାର୍ଯ୍ୟକ୍ରମ। ସ୍ଥାନ- ବମକେଇ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ- ସକାଳ ୯ଟା।
- ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ଶିବିର। ସ୍ଥାନ- ବମକେଇ, ଦିଗପହଣ୍ଡି, ସମୟ- ପୂର୍ବାହ୍ନ ୧୦ଟା।

**୧୬।୫।୨୦୧୯ (ଗୁରୁବାର)**

- ମହିଳା ସ୍ୱାସ୍ଥ୍ୟ କର୍ମୀଙ୍କ ଓ ସେକ୍ଟର ସ୍ତରୀୟ ସ୍ୱାସ୍ଥ୍ୟ ସଚେତନତା ସମୀକ୍ଷା ବୈଠକ। ସ୍ଥାନ- ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ଦିଗପହଣ୍ଡି, ସମୟ-ପୂର୍ବାହ୍ନ ୧୦ଟା।

**୧୭।୫।୨୦୧୯ (ଶୁକ୍ରବାର)**

- ପବିତ୍ର ନୃସିଂହ ଚତୁର୍ଦ୍ଦଶୀ ଉପଲକ୍ଷେ ଅଷ୍ଟପ୍ରହର ନାମ ସଂକୀର୍ତ୍ତନ। ସ୍ଥାନ- ଶ୍ରୀଲକ୍ଷ୍ମୀ ନୃସିଂହ ମନ୍ଦିର ପରିସର, ଦିଗପହଣ୍ଡି, ସମୟ- ସକାଳ ୭ଟା।

**୧୮।୫।୨୦୧୯ (ଶନିବାର)**

- ବ୍ଲକସ୍ତରୀୟ ବିଭିନ୍ନ ସରକାରୀ ଯୋଜନା ଅଗ୍ରଗତି ସମ୍ପର୍କିତ ସମୀକ୍ଷା ବୈଠକ। ସ୍ଥାନ- ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷ, ସମୟ-ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ନାବାଳିକା ବିବାହ ରୋକିଲା ପ୍ରଶାସନ

ପୋଲସରା,୧୧।୫(ଡି.ଏନ.ଏ.)-ଗଞ୍ଜାମ ଜିଲା ପୋଲସରା ଥାନା ମଧୁପଲ୍ଲୀ ଗ୍ରାମପଞ୍ଚାୟତ ଜିଲୁଣ୍ଡା ଗ୍ରାମରେ ଶୁକ୍ରବାର ଚାଲିଥିବା ଜଣେ ନାବାଳିକାଙ୍କ ବିବାହକୁ ପ୍ରଶାସନ ରୋକିବାରେ ସକ୍ଷମ ହୋଇଛି। ଜିଲୁଣ୍ଡାରେ ଜଣେର ଯୁବକଙ୍କ ସହ କୋଦଲା ଥାନା ଅଞ୍ଚଳର ନାବାଳିକାଙ୍କ ବିବାହ ଚାଲିଥିଲା। ଖବର ପାଇ ଶୁକ୍ରବାର ରାତିରେ ପ୍ରଶାସନ ପକ୍ଷରୁ ପୋଲସରା ମହିଳା ଓ ଶିଶୁ ବିକାଶ ଅଧିକାରୀ କୁନ୍ତଳା ନାୟକ, ବେଗୁନିଆପଡ଼ା ମହିଳା ଓ ଶିଶୁ ବିକାଶ ଅଧିକାରୀ ସନ୍ଧ୍ୟାରାଣୀ ପାଣିଗ୍ରାହୀ, ପୋଲସରା ଥାନାର ଏସ୍‌ଆଇ ବିୟୁଟି ମହାନ୍ତି ପ୍ରମୁଖ ପହଞ୍ଚି ବିବାହକୁ ରୋକିଥିଲେ। ଏବଂ ନାବାଳିକାଙ୍କୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଥିଲେ। ଆଇନ ଅନୁଯାୟୀ ଝିଅକୁ ୧୮ ବର୍ଷ ପୂରଣ ହେଲେ ସେତେବେଳେ ବିବାହ କରିପାରିବେ ବୋଲି ମହିଳା ଓ ଶିଶୁ ବିକାଶ ଅଧିକାରୀ ନାୟକ କହିଥିଲେ।

### ଡେଙ୍ଗାଆମ୍ବରେ କ୍ଷେତ୍ର ଦିବସ ପାଳିତ



ଆର.ଉଦୟଗିରି,୧୧।୫(ଡି.ଏନ.ଏ.):ଆର. ଉଦୟଗିରି ବ୍ଲକ ଅଧୀନ ଛେଲାଗଡ଼ ପଞ୍ଚାୟତର ଡେଙ୍ଗାଆମ୍ବ ଗ୍ରାମରେ ଓଡ଼ିଶା ମିଲଟ୍ ମିଶନ ସହାୟତାରେ ସୁରକ୍ଷା ସଙ୍ଗଠନ ପକ୍ଷରୁ କ୍ଷେତ୍ର ଦିବସ ପାଳିତ ହୋଇଯାଇଛି। ଆର.ଉଦୟଗିରି ସହକାରୀ କୃଷି ଅଧିକାରୀ ସୂର୍ଯ୍ୟକାନ୍ତ ସେଠୀ ଯୋଗଦେଇ ଉନ୍ନତ ପ୍ରଣାଳୀରେ ମାଣ୍ଡିଆ ଚାଷ କଲେ କିଭଳି ଅଧିକ ଅମଳ ହୋଇପାରିବ, ତାହା ପରୀକ୍ଷାମୂଳକ ମାଣ୍ଡିଆ ଶସ୍ୟ କାଟର ତଥ୍ୟ ସହ ଉପସ୍ଥାପନ କରିଥିଲେ। ସୁରକ୍ଷା ସଂଗଠନର ସଂଯୋଜକ ପ୍ରସନ୍ନ କୁମାର ଦଳାଇ କାର୍ଯ୍ୟକ୍ରମର ଲକ୍ଷ୍ୟ ସମ୍ପର୍କରେ କହିଥିଲେ। ସୁରକ୍ଷା ସଂଗଠନ କର୍ମୀ ସସ୍ମିତା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିବା ବେଳେ ମା' କୁରେଇଶୁଣି ପ୍ରତ୍ୟୁଷ କମ୍ପାନୀର କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ମହାନ୍ତି ସହଯୋଗ କରିଥିଲେ। ଡେଙ୍ଗାଆମ୍ବ, ଶତର ଓ ନୂଆଗଡ଼ ଗାଁର ୫୦ରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ।

### ୧୯୯୮ ବ୍ୟାଚ୍ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ



ଗଞ୍ଜାମ,୧୧।୫(ଡି.ଏନ.ଏ.): ହୁମାସ୍ଥିତ ବୀରଭଦ୍ର ହାଇସ୍କୁଲର ୧୯୯୮ ବ୍ୟାଚ୍ ଦଶମ ଶ୍ରେଣୀ ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ବ୍ରହ୍ମପୁରସ୍ଥିତ ଏକ ହୋଟେଲରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସେହି ସମୟରେ ଶିକ୍ଷାଦାନ କରିଥିବା ପୁରାତନ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପୂର୍ବରୁ ଶିକ୍ଷକ ଏବଂ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଥିବା ଉତ୍ତମ ସମ୍ପର୍କ ଓ ଆଗାମୀ ଭବିଷ୍ୟତ ଉପରେ ଆଲୋଚନା କରାଯାଇଥିଲା। ସେତେବେଳର ଆଦର୍ଶ ଶିକ୍ଷକ ରବିନ୍ଦ୍ର ଚନ୍ଦ୍ର ଆଚାର୍ଯ୍ୟ, ଉପେନ୍ଦ୍ର ସାହୁ, ସୁନୀଲ ବିଶ୍ୱାଳ ଓ ଭାସ୍କର ଦଳାଇ ପ୍ରମୁଖ ଯୋଗଦେଇ ଗତ ଫନୀ ବାତ୍ୟାରେ ବିପନ୍ନମାନଙ୍କୁ ସହଯୋଗର ହାତ ବଢ଼ାଇବା ନିମନ୍ତେ ପରାମର୍ଶ ଦେଇଥିଲେ। ପରାମର୍ଶ ପାଳନ କରିବା ସହ ବିଶେଷ କ୍ଷତି ହୋଇଥିବା ପୁରୀ ଜିଲାର ବିଭିନ୍ନ ଗ୍ରାମକୁ ଯାଇ ରିଲିଫ୍ ପ୍ରଦାନ କରିବେ ବୋଲି ପୁରାତନ ଛାତ୍ରୀଛାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ଭେଜିଟେବୁଲ ମଜଦୁର ୟୁନିୟନର ବାର୍ଷିକ ଉତ୍ସବ



ହିଞ୍ଜିଳିକାଟୁ,୧୧।୫(ଡି.ଏନ୍.ଏ.): ହିଞ୍ଜିଳିକାଟୁ ତାରାତାରିଣୀ ଭେଜିଟେବୁଲ ମଜଦୁର ୟୁନିୟନର ୧୭ତମ ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଶ୍ୟାମଳାଇ ମନ୍ଦିର ପରିସରରେ ଆଇନଜୀବୀ ଶମ୍ଭୁ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପାଦକ ଅରୁଣ କୁମାର ଦାଶ ବିବରଣୀ ପାଠ କରିଥିଲେ। ସହ ସମ୍ପାଦକ ସନ୍ତୋଷ ଦାସ, କୋଷାଧ୍ୟକ୍ଷ ସନ୍ତୋଷ ସେଠୀ ମଞ୍ଚାସୀନ ରହି ମଜଦୁରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ରଞ୍ଜନ କୁମାର ସେଠୀଙ୍କୁ ସର୍ବସମ୍ମତ କ୍ରମେ ଉପ ସଭାପତି ମନୋନୀତ କରାଯାଇଥିଲା। ଏଥିସହ ମଜଦୁର ମାନେ ବିଭିନ୍ନ ସାମାଜିକ କଲ୍ୟାଣ ଯୋଜନାରେ ସମ୍ପୃକ୍ତ ରହିବାକୁ ସମ୍ମତ ହୋଇଥିଲେ। ବୈଠକରେ ସଙ୍ଘର ସମସ୍ତ ସଦସ୍ୟ ଯୋଗ ଦେଇଥିଲେ।

# ଫନୀରେ ଚିନାବାଦାମ ଫସଲ କ୍ଷତି



ଗଜା ହୋଇଯାଇଥିବା ଚିନାବାଦାମ ଫସଲ।

ପୋଲସରା,୧୧।୫(ଡି.ଏନ.ଏ.)

ଫନୀ ପ୍ରଭାବରେ ପୋଲସରାଞ୍ଚଳର ନିମିନା ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାନବରଗାଁର ବହୁ ଚାଷୀଙ୍କ ଚିନାବାଦାମ ଫସଲ ବ୍ୟାପକ କ୍ଷତି ହୋଇଛି। ଚାଷୀମାନେ ସରକାରୀ ବିହନ ବିକ୍ରୟ କେନ୍ଦ୍ରରୁ ଡିବିଟିଏଲ କାର୍ଡ ଜରିଆରେ ଚିନାବାଦାମ ବିହନ ଆଣି ଲଗାଇଥିଲେ। ଫସଲ ଅମଳ ବେଳକୁ ବାତ୍ୟା ଫନୀ ମାଡ଼ି ଆସିବାରୁ ଲଗାଣ ବର୍ଷା ଜାରି ରହିଥିଲା। ଫଳରେ ଚିନାବାଦାମ ସବୁ ଗଜା ହୋଇଥିଲା। ସାନବରଗାଁର ଚାଷୀ ରାଜୁ ଗୌଡ଼, ପୁଷ୍ପଲତା ଗୌଡ଼, ଧୋବା ସାହୁ, ଶିବ ପ୍ରସାଦ ସାହୁ ପ୍ରମୁଖ ଶୁକ୍ରବାର ସହକୃଷି ଅଧିକାରୀ ଅନିରୁଦ୍ଧ ତରାଇ ଓ ତହସିଲଦାର ଅଶୋକ ପ୍ରଧାନଙ୍କୁ ଭେଟି ଫସଲ କ୍ଷୟକ୍ଷତି ସମ୍ପର୍କରେ କହିଥିଲେ। ବିହନ ବାବଦକୁ କ୍ଷତିପୂରଣ ମିଳିବା ଲାଗି ଚାଷୀମାନେ ଦାବି କରିଛନ୍ତି। ଉକ୍ତ ସମସ୍ୟାକୁ ନେଇ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ଗ୍ରାମ୍ୟ କୃଷି କର୍ମଚାରୀ ଅନାଦି ସାହୁ ଓ କୃଷି ଅଧିକାରୀ ସୀମାଞ୍ଚଳ ଦାସ ଆସି ଚିନାବାଦାମ ଫସଲ ଦେଖିଥିଲେ।

## କାଜୁ ଜଙ୍ଗଲରୁ ମହିଳାଙ୍କ ମୃତଦେହ ଉଦ୍ଧାର

ଖଲ୍ଲିକୋଟ,୧୧।୫(ଡି.ଏନ.ଏ.)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ତାଳପଡ଼ା ପଞ୍ଚାୟତ ଲକ୍ଷ୍ମୀନାରାୟଣପୁର ଗ୍ରାମ ନିକଟ କାଜୁ ଜଙ୍ଗଲରୁ ଶନିବାର ଜନୈକା ମହିଳାଙ୍କ କ୍ଷତାକ୍ତ ମୃତଦେହ ମିଳିଛି । କୌଣସି ସୂତ୍ରରୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ପୋଲିସ ସୂଚନାନୁଯାୟୀ, ବ୍ରହ୍ମପୁର ସହର ନିକଟ ଗୋଳନ୍ଥରା ଅଞ୍ଚଳର ଲକ୍ଷ୍ମୀ ସାହୁ ବୋଲି ଜଣାପଡ଼ିଛି। ଶୁକ୍ରବାର ଲକ୍ଷ୍ମୀ ନିଖୋଜ ଥିବା ପରିବାର ଲୋକ କହିଛନ୍ତି। ଏହି ଘଟଣାକୁ ନେଇ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଶନିବାର ଖଲ୍ଲିକୋଟ ଆଇଆଇସି ସୁନୀଲ କୁମାର ବେହେରା, ଛତ୍ରପୁର ଏସ୍‌ଡିପିଓ ଉତ୍କଳ କେଶରୀ ଦାସ ଓ ପୋଲିସ ଟିମ ଘଟଣାର ଅନୁସନ୍ଧାନ ଜାରି ରଖିଛନ୍ତି । ନଂ. ୧୧୩/୧୯ରେ ମକଦ୍ଦମା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି ।

# ଆଇଜିଙ୍କୁ ୨ ଲକ୍ଷ ଟଙ୍କାର ଚେକ୍ ଦେଲା ଗଞ୍ଜାମ ପୋଲିସ

ଛତ୍ରପୁର,୧୧।୫(ଡି.ଏନ.ଏ.)



ଆଇଜିଙ୍କୁ ଚେକ୍ ପ୍ରଦାନ କରାଯାଉଛି।

ପୁରୀ ଜିଲାର ବାତ୍ୟା ବିପନ୍ନଙ୍କ ପାଇଁ କେନ୍ଦ୍ରାଞ୍ଚଳ ପୋଲିସ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଗଞ୍ଜାମ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ପକ୍ଷରୁ ୨ ଲକ୍ଷ ଟଙ୍କାର ଏକ ଚେକ୍ ଶନିବାର ପ୍ରଦାନ କରାଯାଇଛି। ପୁରୀ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଏହି ଚେକ୍ ଦିଆଯାଇଛି। ଗଞ୍ଜାମ ପୋଲିସର ଏକ ଟିମ୍ ପୁରୀ ଯାଇ ଆଇଜିଙ୍କୁ ଭେଟି ଏହି ଚେକ୍ ଦେଇଥିବା ସନ୍ଧ୍ୟାରେ ଗଣମାଧ୍ୟମକୁ ସୂଚନା ଦିଆଯାଇଛି । ଆଇଜିଙ୍କୁ ଚେକ୍ ଦେବାବେଳେ ଡିଏସ୍‌ପି ଦିଲ୍ଲୀପ ଦାଶ, ରିଜର୍ଭ ଇନ୍ସପେକ୍ଟର ସୁବଳ ସୋରେନ୍, ହାବିଲଦାର ଓ କନଷ୍ଟେବଳ ସଂଘ ସଭାପତି ଅଭିମନ୍ୟୁ ଜାଲି ଓ ସମ୍ପାଦକ ସୁବାସ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏଙ୍କ ଉଦ୍ୟମ କ୍ରମେ ଗଞ୍ଜାମ ପୋଲିସ ଜିଲାରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀ ୨ ଲକ୍ଷ ଟଙ୍କା ସଂଗ୍ରହ କରିଥିଲେ । ପୂର୍ବରୁ ୩ ଟି ଟ୍ରକ୍‌ରେ ରିଲିଫ୍ ସାମଗ୍ରୀ ପୁରୀ ପଠାଯିବା ସହ ରୋଷେଇ କରି ଗଞ୍ଜାମ ପୋଲିସର ଏକ ଟିମ୍ ସେଠାରେ ବାତ୍ୟା ବିପନ୍ନଙ୍କୁ ଖାଦ୍ୟ ବଣ୍ଟନ କରୁଥିବା ସୂଚନା ଦିଆଯାଇଛି ।

## ଫନୀ ସହାୟତା ପାଇଁ ହାତ ବଢ଼ାଇଲେ ଏସ୍‌ଡିପିଓ

ମୁନିଗୁଡ଼ା,୧୧।୫(ଡି.ଏନ୍.ଏ.)

ସାମୁଦ୍ରିକ ଝଡ଼ ଫନୀରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ମୁନିଗୁଡ଼ା ଏସ୍‌ଡିପିଓ ଚନ୍ଦ୍ରଶେଖର ହୋତା ସହାୟତାର ହାତ ବଢାଇଛନ୍ତି। ଶନିବାର ଏସ୍‌ଡିପିଓ ହୋତାଙ୍କ ସହ ହାବିଲଦାର ଶ୍ରୀନିବାସ ଦଳାଇ,ମହିଳା କନଷ୍ଟେବଳ ସୁପ୍ରଭା ସାହୁ, ନିରଞ୍ଜନ ଦାସ, ଗ୍ରାମରକ୍ଷୀ ସନ୍ତୋଷ ପାଢ଼ୀ, ସୁବ୍ରତ ସାହୁ, ପ୍ରଶାନ୍ତ ମହାନ୍ତି, ମୁନିଗୁଡ଼ା ଥାନାଧିକାରୀ ରାଜେନ୍ଦ୍ର ଦେହୁରୀ ପ୍ରମୁଖ ସହାୟତା କରିଛନ୍ତି। ମୁନିଗୁଡ଼ାର ବିଭିନ୍ନ ଛୋଟବଡ଼ ବ୍ୟବସାୟୀ ଫନୀ କ୍ଷତିଗ୍ରସ୍ତଙ୍କୁ ସହାୟତା କରିବାକୁ ଅନୁରୋଧ କରିଛନ୍ତି ।

# ଶବର ସମାଜ ସର୍ବସାଧାରଣ ସମ୍ମିଳନୀ

ପାଟପୁର,୧୧।୫(ଡି.ଏନ.ଏ.)

ସାନଖେମୁଣ୍ଡି ବ୍ଲକ ଖେମୁଣ୍ଡି ଖୋଲଠାରେ ଶବର ସମାଜ କଲ୍ୟାଣ ସମିତି ପକ୍ଷରୁ ସର୍ବସାଧାରଣ ସମ୍ମିଳନୀ ଶନିବାର ଆରମ୍ଭ ହୋଇଛି। ପାଲୁଖୋଳା କେନ୍ଦ୍ର ଓ ଖେମୁଣ୍ଡିଖୋଲ ମଣ୍ଡଳ କମିଟି ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ୧୯୮୦ ମସିହାର ସମାଜ ଗଠନ ସହ ଏଯାବତ୍ ବିଭିନ୍ନ କାର୍ଯ୍ୟକ୍ରମ ନେଇ ଆଲୋକପାତ କରାଯାଇଥିଲା। ସମାଜର ସାମାଜିକ ସଂସ୍କୃତି, ପରମ୍ପରା, ସମାଜସେବା ଶିକ୍ଷାର ପ୍ରସାର ଭଳି ସଂସ୍କାରମୂଳକ କାର୍ଯ୍ୟକୁ ଆହୁରି ଶକ୍ତିଶାଳୀ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା। ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନାପରେ ମଣ୍ଡଳ ସଭାପତି ଭାସ୍କର ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ସମାବେଶରେ ସର୍ବୋଚ୍ଚ ସଭାପତି ଝାମ୍ପୁରା ରଇତ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶ୍ୱ ହିନ୍ଦୁ ପରିଷଦ ଧର୍ମ ପ୍ରସାର ସମିତିର ରାଜ୍ୟ ସମ୍ପାଦକ ତରଣିସେନ ଦାସ, ବରିଷ୍ଠ ଅତିଥି ଭାବେ ସ୍ୱାମୀ ସୁଦର୍ଶନ ଦାସ, ସମ୍ମାନିତ ଅତିଥି ସ୍ୱାମୀ ଶ୍ୟାମ ସୁନ୍ଦର ଦାସ, ଉପଦେଷ୍ଟା ଉଦୟ ନାଥ ମଣ୍ଡଳ ପ୍ରମୁଖ ଯୋଗଦେଇ ଶବର ସମାଜର ସାମଗ୍ରିକ ବିକାଶ, ଧର୍ମ ସଂସ୍କୃତି ପରମ୍ପରାର ସୁରକ୍ଷା ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ସର୍ବୋଚ୍ଚ ମାର୍ଗଦର୍ଶକ ଅରକ୍ଷିତ ମଣ୍ଡଳ, ଜିଲା ସଭାପତି ଡମ୍ବରୁ ଶବର, ଶ୍ୟାମ ଗମାଙ୍ଗଙ୍କ ସମେତ ମଣ୍ଡଳ ଅନ୍ତର୍ଗତ ସମସ୍ତ ଗ୍ରାମର ପରିବାରମାନେ ଯୋଗ ଦେଇଥିଲେ। ବିଭିନ୍ନ ନିର୍ଦ୍ଧାରଣ ସମ୍ପର୍କିତ ଆଲୋଚନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀ ୨ଦିନ ଧରି ଚାଲିବ।



ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।

# ଗଞ୍ଜାମ ଏନ୍‌ଏସି: ନିଷ୍କାସନ ହୋଇପାରୁନି ବର୍ଷାଜଳ

### ବଢୁଛି ଅସନ୍ତୋଷ

ଗଞ୍ଜାମ,୧୧।୫(ଡି.ଏନ.ଏ.)

ଫନୀ ପ୍ରଭାବରେ ଗଞ୍ଜାମ ଅଞ୍ଚଳରେ ଦୁଇଦିନ ଧରି ଲଗାଣ ବର୍ଷା ହୋଇଥିଲା। ଉକ୍ତ ବର୍ଷା ପାଣି ସହରର ବିଭିନ୍ନ ସ୍ଥାନରେ ଜମି ରହିଛି। ଏନ୍‌ଏସି ଅନ୍ତର୍ଗତ ପୁଇଁତୋଳା ଗ୍ରାମ ବାରିକି ସାହି ନିକଟରେ ଏକ ଖୋଲା ପଡ଼ିଆରେ ବର୍ଷା ପାଣି ନିଷ୍କାସନ ହୋଇ ନ ପାରି ଜମି ରହିବାରୁ ଉକ୍ତ ପାଣି ପଚି ଦୁର୍ଗନ୍ଧ ହେଉଛି। ଫଳରେ ସ୍ଥାନୀୟ ଅଞ୍ଚଳରେ ଘୋର ଅସନ୍ତୋଷ ଦେଖାଦେଇଛି। ସାହିବାସୀ ଏ ନେଇ ଏନ୍‌ଏସି ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ପୂର୍ବତନ ଏମ୍‌ପି ପ୍ରତିନିଧି ସୁଦାମ ଚରଣ ପଲାଇ ଗଣମାଧ୍ୟମକୁ କହିଛନ୍ତି। ଏଥିସହ ସାମନ୍ତରା ସାହି, ଚୌଧୁରୀ ସାହି, ସହରର ମୁଖ୍ୟ ନାଳ ଭଳି ସ୍ଥାନଗୁଡ଼ିକରେ ବର୍ଷାଜଳ ଜମି ରହିଥିବା ଦେଖିବାକୁ ମିଳିଛି। ଏ ନେଇ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁନୀଲ କୁମାର ଟୁଡୁଙ୍କୁ ପଚାରିବାରୁ ଅଭିଯୋଗ ସ୍ୱୀକାର କରିବା ସହ ଜମି ରହିଥିବା ବିଭିନ୍ନ ସ୍ଥାନ ଅନୁଧ୍ୟାନ କରି ଯୁଦ୍ଧକାଳୀନ ଭିତ୍ତିରେ ନିଷ୍କାସିତ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



ଜମି ରହିଥିବା ବର୍ଷା ଜଳ।

# ନଦୀ ତଟବର୍ତ୍ତୀ ଜମିର ସୁରକ୍ଷା ଚିନ୍ତା

- ପ୍ରତିବର୍ଷ ବନ୍ୟାରେ ନଷ୍ଟ ହେଉଛି ଚାଷଜମି
- ଏସ୍‌କେପ ନିର୍ମାଣ ପାଇଁ ଦାବି କଲେ ଚାଷୀ

ଖଣ୍ଡପଡା,୧୧।୫(ସ୍ୱ.ପ୍ର.)

ପ୍ରତିବର୍ଷ କୁସୁମୀ ଓ କୁଆଁରିଆ ନଦୀ ବନ୍ୟାରେ ଉଭୟ ପାର୍ଶ୍ୱ ଅତଡା ଖାଇ ମୃତ୍ତିକା କ୍ଷୟ ହେଉଛି। ଏହାସହ ନଦୀ ତଟବର୍ତ୍ତୀ ଚାଷଜମି ବାଲିଚର ହୋଇ ନଷ୍ଟ ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଉଭୟ ନଦୀର ସଙ୍ଗମ ସ୍ଥଳରେ ଜଳସମ୍ପଦ ବିଭାଗ ପକ୍ଷରୁ ଏସ୍‌କେପ (ପଥରବନ୍ଧ) ନିର୍ମାଣ କରାଯିବାକୁ ସ୍ଥାନୀୟ ଚାଷୀମାନେ ଦାବି କରିଛନ୍ତି। ଏହା ହେଲେ ନଦୀ ତଟବର୍ତ୍ତୀ ଜମିର ସୁରକ୍ଷା ହେବା ସହ ବର୍ଷାଋତୁ ଛଡା ଅନ୍ୟ ସମୟରେ ଜମିକୁ ଜଳସେଚନ ହୋଇପାରିବ ବୋଲି ସେମାନେ ମତ ଦେଇଛନ୍ତି।

କଣ୍ଟିଲୋ, ଦୁଆରଗାଁ ଓ ଧାନଚେଙ୍ଗଡା ଗ୍ରାମ ନିକଟ କୁସୁମୀ ଓ କୁଆଁରିଆ ନଦୀର ସଙ୍ଗମ ସ୍ଥଳରୁ କମେଇ ନଦୀର ସୃଷ୍ଟି। କମେଇ ନଦୀର ଓସାର ପ୍ରାୟ ଦେଢଶହ ଫୁଟ ହେବ। ସଙ୍ଗମ ସ୍ଥଳଠାରୁ ପ୍ରାୟ ୪କି.ମି. ଦୂର ତଳମୁଣ୍ଡରେ ପ୍ରବାହିତ ମହାନଦୀ ସହ କମେଇ ନଦୀ ମିଶିଛି। ନିକଟବର୍ତ୍ତୀ ଗ୍ରାମ ଓ ଚାଷଜମିର ସୁରକ୍ଷା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ କମେଇ ବ୍ରିଜଠାରୁ ଧାନଚେଙ୍ଗଡା ପର୍ଯ୍ୟନ୍ତ କମେଇ ନଦୀର ଦକ୍ଷିଣ ପାର୍ଶ୍ୱରେ ପ୍ରାୟ ଅଢେଇ କି.ମି. ଲମ୍ବର ମାଳବନ୍ଧ ନିର୍ମାଣ କରାଯାଇଛି। ସେହିପରି କଣ୍ଟିଲୋ ପୂର୍ତ୍ତ ବିଭାଗ ରାସ୍ତାଠାରୁ କମେଇ ବାମପାର୍ଶ୍ୱ ଧୋବଣୀଘାଇ–ଭାଗବତ ମୁଣ୍ଡିଆ ପର୍ଯ୍ୟନ୍ତ ପ୍ରାୟ ୪ କି.ମି. ଲମ୍ବର ମାଳବନ୍ଧ କରାଯାଇଛି। ମାତ୍ର କମେଇ ନଦୀ ଓ ଏହାର ବାମପାର୍ଶ୍ୱ ମାଳବନ୍ଧ ମଧ୍ୟରେ ଥିବା ଛଣପାଟ, ପାଟକୁକୁଟା, ବୋଲୁଅପାଟ, କେନ୍ଦୁଆ ଓ ମରେଇକଣର ପ୍ରାୟ ହଜାର ଏକରରୁ ଊର୍ଦ୍ଧ୍ୱ ଜମି ପ୍ରତି ବର୍ଷ ବନ୍ୟାରେ ଜଳମଗ୍ନ ହୋଇଥାଏ। ପଟୁ ମାଡିଯାଉ ଥିବାରୁ ଏହିସବୁ ଜମିରେ ଧାନ ଫସଲ କରିବା ସମ୍ଭବ ନୁହେଁ। ଏହି ଜମିରେ ଧାନ ବ୍ୟତୀତ ଆଖୁ, ମୁଗ, ବିରି, କୋଳଥ ଓ ବାଦାମ ଚାଷ କରାଯାଇଥାଏ। ପରିତାପର ବିଷୟ ବନ୍ୟା ଜଳ ଉକ୍ତ ଜମିରେ ପ୍ରବାହିତ ହେବା ସମୟରେ ଅଧିକାଂଶ ଜମି ବାଲିଚର ହେବା ସହ ନଦୀ କୂଳରେ ଥିବା ଜମି ଅତଡା ଖାଇ ଲୀନ ହେଉଛି। ଏ ନେଇ କ୍ଷତିଗ୍ରସ୍ତ ଚାଷୀ ଜଳସମ୍ପଦ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦୀର୍ଘ ବର୍ଷରୁ ଗୁହାରି କରିଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏହି ପରିପ୍ରେକ୍ଷୀରେ କମେଇ ନଦୀ କୂଳ ଜମିର ସୁରକ୍ଷା ତଥା ବାଲିଚରରୁ ରକ୍ଷା ପାଇଁ କୁସୁମୀ ଓ କୁଆଁରିଆ ନଦୀର ସଙ୍ଗମସ୍ଥଳ ତଳମୁଣ୍ଡରେ ପ୍ରାୟ ଦେଢଶହ ଫୁଟ ଲମ୍ବ ଓ ୨ ମିଟର ଉଚ୍ଚତା ବିଶିଷ୍ଟ ଏସ୍‌କେପ ନିର୍ମାଣ କରାଗଲେ ଚାଷୀମାନଙ୍କର ବହୁ ଦିନର ସମସ୍ୟା ଦୂର ହୋଇପାରନ୍ତା। ନଦୀ ମଧ୍ୟରେ ଏସକେପ୍ ନିର୍ମାଣ ହେଲେ ଗଚ୍ଛିତ ଜଳକୁ ଜଳସେଚନ ସୁବିଧା ହୋଇପାରନ୍ତା। ଏହାର ପ୍ରତିକାର ସମ୍ପର୍କରେ ସ୍ଥାନୀୟ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଶଙ୍କର ଦଳେଇଙ୍କ ସହ ଆଲୋଚନା କରିବାରୁ ସେ କହିଥିଲେ, ପଥରବନ୍ଧ ନିର୍ମାଣର ଆବଶ୍ୟକତା ରହିଛି। ବିଭଗୀୟ ଉଚ୍ଚ କର୍ତ୍ତୃପକ୍ଷ ଉକ୍ତ ସ୍ଥାନ ପରିଦର୍ଶନ କରି ଅନୁକୂଳ ମତ ପୋଷଣ କରିବା ପରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇପାରେ।



କମେଇ ନଦୀ।

## ସଂକ୍ଷେପରେ

### ରନ୍ଧାମଦ ଜବତ, ଅଭିଯୁକ୍ତ ଗିରଫ

ଆସିକା,୧୧।୫(ଡି.ଏନ୍.ଏ.)- ଆସିକା ଥାନାର କାଳଷଣ୍ଡପୁରସ୍ଥିତ ଏରଗୋଲା ବସା ଉପରେ ଶନିବାର ସକାଳେ ପୋଲିସ ଚଢାଉ କରି ୨୦ ଲିଟର ରନ୍ଧାମଦ ଜବତ କରିଛି। ଏହି ମାମଲାରେ ଏହି ଡି. ଗଙ୍ଗାଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଆସିକା ଥାନାରେ ନଂ.୧୪୯/୧୯ରେ ଏକ ମାମଲା ରୁଜୁ କରାଯାଇ ଶନିବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପୀତବାସ ଧାରୁଆ ସୂଚନା ଦେଇଛନ୍ତି।

କଳିଙ୍ଗା ଘାଟିରେ କାର୍ ଲୁଟ୍ ଘଟଣା

### ଦୁଇଦିନ ପରେବି ସୁରାକ ପାଉନି ପୋଲିସ

ଜି.ଉଦୟଗିରି,୧୧।୫(ଡି.ଏନ.ଏ.)- ଜି.ଉଦୟଗିରି ଥାନା କଳିଙ୍ଗା ଘାଟିରେ ଗୁରୁବାର ସନ୍ଧ୍ୟାରେ ଜଣେ କାର୍ ଚାଳକଙ୍କୁ ମାଡ ମାରି କାର୍ ଲୁଟ୍ ହୋଇଥିଲା। ଦୁଇଦିନ ବିତି ଯାଇଥିଲେ ମଧ ପୋଲିସ ଲୁଟେରାଙ୍କ ଟେର୍ ପାଉନି। ଚାଳକ ରମେଶ ନାୟକଙ୍କ ଏତଲା କ୍ରମେ ଜି.ଉଦୟଗିରି ଥାନାରେ ନଂ. ୫୬/୧୯ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ବର୍ତ୍ତମାନ ସୁଦ୍ଧା କୌଣସି ସୂଚନା ନାହିଁ ବୋଲି ଏସ୍ଆଇ ରଞ୍ଜିତ କୁମାର ମୁନି କହିଛନ୍ତି। ପ୍ରତ୍ୟେକ ଦିନ ଘାଟିରେ ଅନେକ କାର ଚଳାଚଳ କରୁଥିବାରୁ ଶୀଘ୍ର ଲୁଟେରାଙ୍କୁ ଧରିବାକୁ ସାଧାରଣରେ ଦାବି ହେଉଛି।ପ୍ରକାଶ ଯେ, ଜି.ଉଦୟଗିରି ହାତିବାଲି ସାହିର ରମେଶ ନିଜ ଇଣ୍ଡିଗୋରେ ତାଙ୍କ ଗ୍ରାମ ଇଟାମାଟି ନିକଟସ୍ଥ ଜହ୍ନିପଦାକୁ ଯାଉଥିବା ବେଳେ ଗଳିଙ୍ଗା ଘାଟିରେ ୪ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି କାରକୁ ଅଟକାଇ ରମେଶଙ୍କୁ ମାଡ଼ ମାରି ଅଚେତ ଅବସ୍ଥାରେ ରାସ୍ତା କଡ଼କୁ ପକାଇ କାର ଲୁଟି ନେଇଥିଲେ। ଚେତା ଫେରବା ପରେ ସେ ଥାନାକୁ ଆସି ରାତି ପ୍ରାୟ ୧୦ଟାରେ ଏତଲା ଦେଇଥିଲେ।

# ପୁରୀ ବିପନ୍ନଙ୍କ ସହାୟତା କାର୍ଯ୍ୟରେ ଗଞ୍ଜାମ ସାମିଲ

ଛତ୍ରପୁର,୧୧।୫(ଡି.ଏନ.ଏ.)

ଫନୀ ବାତ୍ୟାରେ ପୁରୀ ସହର ତଥା ଜିଲାର ସମସ୍ତ ଅଞ୍ଚଳରେ ବିଶେଷ ଭାବେ କ୍ଷୟକ୍ଷତି ହୋଇଛି। ଏହି ଅଞ୍ଚଳରେ ରିଲିଫ୍ ସାମଗ୍ରୀ ବଣ୍ଟନ ଠାରୁ ଆରମ୍ଭ କରି ସଫେଇ ଏବଂ ରୋଷେଇ କରି ବିପନ୍ନଙ୍କୁ ଖାଇବାକୁ ଦେବା କାର୍ଯ୍ୟରେ ଗଞ୍ଜାମ ଜିଲାପ୍ରଶାସନ ଓ ପୋଲିସ ପ୍ରଶାସନ ସାମିଲ ହୋଇଛନ୍ତି। ପୁରୀ ଜିଲାକୁ ବର୍ତ୍ତମାନ ସୁଦ୍ଧା ଗଞ୍ଜାମ ଜିଲାପ୍ରଶାସନ ପକ୍ଷରୁ ୧୨ ଟ୍ରକ୍‌ରେ ବିଭିନ୍ନ ରିଲିଫ୍ ସାମଗ୍ରୀ ପଠାଯାଇଛି। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏହି ସୂଚନା ଦେଇଛନ୍ତି। ଏଥିସହ ପୁରୀ ସହରରେ ବାତ୍ୟା ପ୍ରଭାବରେ ଘର ଓ ଗଛ ଭାଙ୍ଗି ରାସ୍ତା ଓ ବିଭିନ୍ନ ସ୍ଥାନରେ ଅଳିଆ ପଡିରହିଛି। ଏହାକୁ ବାହାର କରିବା ପାଇଁ ଗଞ୍ଜାମ ଜିଲାପ୍ରଶାସନ ପକ୍ଷରୁ ପୁରୀକୁ ୧୦୪ ଟ୍ରାକ୍ଟର ଓ ୩୫ ଜେସିବି ପଠାଯାଇଛି। ଆହୁରି ୧୦ ଜେସିବି ଓ ୧୦୯ ଟ୍ରାକ୍ଟର ପଠାଯିବ ବୋଲି ସୂଚନା ଦିଆଯାଇଛି। ବ୍ରହ୍ମପୁର ମହାନଗର ନିଗମରୁ ଆହୁରି ୧୦୦ ସଫେଇ କର୍ମଚାରୀ ଶନିବାର ପୁରୀ ଯାଇ ଏହି କାର୍ଯ୍ୟରେ ସାମିଲ ହୋଇଛନ୍ତି। ପୂର୍ବରୁ ବ୍ରହ୍ମପୁର ମହାନଗର ନିଗମ ଓ ଛତ୍ରପୁର ଏନ୍ଏସି ଆଦିରୁ ୩୦୦ ସଫେଇ କର୍ମଚାରୀ ପୁରୀରେ ସଫେଇ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ମହାନଗର ନିଗମର କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ପୁରୀରେ ରହି ରିଲିଫ୍ ବଣ୍ଟନ ଓ ସଫେଇ କାର୍ଯ୍ୟର ମନିଟରିଂ କରୁଥିବା ସୂଚନା ଦିଆଯାଇଛି। ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ଗାଁରେ ମଧ ବାତ୍ୟା ବିପନ୍ନଙ୍କୁ ଗଞ୍ଜାମ ପ୍ରଶାସନ ପକ୍ଷରୁ ସିଧାସଳଖ ଶୁକ୍ରବାର ରିଲିଫ୍ ବଣ୍ଟନ କରାଯାଇଥିବା ଡିଆରଡିଏ ଏପିଡି ଦେବବ୍ରତ ସାହୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅପରପକ୍ଷରେ ପୁରୀ ବାସେଳସାହି ଥାନାରେ ଗଞ୍ଜାମ ପୋଲିସ ପକ୍ଷରୁ ବାତ୍ୟା ବିପନ୍ନଙ୍କ ପାଇଁ ଫ୍ରିକିଚେନ୍ ଖୋଲାଯାଇଛି। ସେଠାରେ ଦୈନିକ ୧ ହଜାର ଲୋକଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଉଥିବା ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ ସୂଚନା ଦେଇଛନ୍ତି। ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକରେ ବ୍ରହ୍ମପୁର ସ୍ଥିତ ସାଉଥ୍‌କୋ ବିଭାଗର ଅଧିକାରୀ, ଯନ୍ତ୍ରୀ ଓ ଶ୍ରମିକ ଯାଇ ବିଦ୍ୟୁତ୍ ସେବା କିଭଳି ପୁନର୍ବାର ମିଳିବ ସେ କାମରେ ଲାଗିଥିବା ସୂଚନା ଦିଆଯାଇଛି।



ପୁରୀ କୃଷ୍ଣପ୍ରସାଦ ବ୍ଲକରେ ରିଲିଫ୍ ବଣ୍ଟନ କରାଯାଉଛି।

# ୩ ଦିନ ହେବ ପାଇପ୍ ଜଳ ଯୋଗାଣ ଠପ୍

ଜି.ଉଦୟଗିରି,୧୧।୫(ଡି.ଏନ.ଏ.)

**ଜି.ଉଦୟଗିରି ସହର**

ଜି.ଉଦୟଗିରି ସହରକୁ ଗୁରୁବାର ଠାରୁ ପାଇପ ଜଳ ଯୋଗାଣ ବନ୍ଦ ରହିଛି। ଫଳରେ ସହରବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଜଳ ଯୋଗାଣ ବନ୍ଦ ସମସ୍ୟାକୁ ଦ୍ୱିଗୁଣିତ କରୁଛି। ଲକ୍ଷ୍ମୀବଜାର ଉପରସାହି ପଥୁରିଆ ଅଞ୍ଚଳ, ସେହି ସାହିରେ କୂଅ କିମ୍ବା ନଳକୂପ ନାହିଁ। ସେମାନେ କେବଳ ପାଇପ ପାଣିକୁ ଲୋକେ ଭରଷା କରିଥାନ୍ତି। ପାଇପ ପାଣି ବନ୍ଦ ହେବା ଫଳରେ ସେମାନେ ଅନ୍ୟସାହିକୁ ଯାଇ ନଳକୂପରୁ ପାଣି ଆଣୁଛନ୍ତି। ଏ ସମ୍ପର୍କରେ ଜି.ଉଦୟଗିରି ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ଉଦୟନାଥ ପ୍ରଧାନଙ୍କୁ ପଚାରିବାରେ ପମ୍ପ ଖରାପ ଯୋଗୁ ଜଳ ଯୋଗାଣ ବନ୍ଦ ଥିଲା। ପମ୍ପ ତିଆରି ହୋଇ ଆସିବା କ୍ଷଣି ଜଳଯୋଗାଣ ସ୍ୱାଭାବିକ ହେବ ବୋଲି କହିଥିଲେ। ଜେନେରେଟର ଯୋଗେ କାହିଁକି ପାଣି ଯୋଗାଯାଉ ନାହିଁ ବୋଲି ପଚାରିବାରୁ ଜି.ଉଦୟଗିରି ପାନୀୟ ଜଳ ଯୋଗାଣ ସେକ୍ସନରେ ଜେନେରେଟର ନାହିଁ ବୋଲି କହିଥିଲେ। ଜି.ଉଦୟଗିରି ଏନ୍ଏସି ଅଞ୍ଚଳ ହୋଇଥିଲେ ମଧ ଏଠାରେ ପମ୍ପ ହାଉସରେ ଜେନେରେଟରଟିଏ ନାହିଁ। ଫଳରେ ପମ୍ପ ଖରାପ ହେଲେ କିମ୍ବା ବିଦ୍ୟୁତ ନଥିଲେ ଜଳ ଯୋଗାଣ ପ୍ରଭାବିତ ହେଉଛି। ଜି.ଉଦୟଗିରିକୁ ତୁରନ୍ତ ଜେନେରେଟର ଓ ନୂତନ ପମ୍ପ ବିଭାଗ ପକ୍ଷରୁ ଯୋଗାଇ ଦେବାକୁ ପୂର୍ବତନ କାଉନସିଲର ବିନୋଦ ବିହାରୀ ଦାଶ ଦାବି କରିଛନ୍ତି।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ